# ସ୍ୱଚ୍ଛତା ଆଣିବ ସମନ୍ୱୟ

**ଅନୁଗୋଳ ଅଫିସ, ୩୦।୩**

ଅନୁଗୋଳ ସହରର ଦୀର୍ଘଦିନର ଅଳିଆ ସମସ୍ୟା ଦୂର ହେବ। ପ୍ରଶାସନ ଓ ଲୋକଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ଦ୍ୱାରା ପୌରାଞ୍ଚଳର ପ୍ରତିଟି ୱାର୍ଡକୁ ସ୍ୱଚ୍ଛ କରାଯିବ। ଏଥିପାଇଁ ୨୩ଟି ୱାର୍ଡରେ ନୂଆ କରି 'ମୋ ୱାର୍ଡ' ବ୍ୟବସ୍ଥା ଆରମ୍ଭ ହେବ। ନିଜ ୱାର୍ଡର ସଫେଇ କାର୍ଯ୍ୟ ତଦାରଖ ସହ ଏ ନେଇ ପରାମର୍ଶ ଦେବାକୁ ବୁଦ୍ଧିଜୀବୀ ଓ ସାମାଜିକ କର୍ମୀଙ୍କୁ ନେଇ ଗୋଟିଏ ଲେଖାଏ କମିଟି ଗଠନ କରାଯିବ। ଏହି କମିଟି ମାଧ୍ୟମରେ ସହରକୁ ସ୍ୱଚ୍ଛ, ସୁନ୍ଦର କରାଯିବା ସହ ଶ୍ରେଷ୍ଠ ୱାର୍ଡକୁ ୩୦ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ।

ଅନୁଗୋଳ ସହରକୁ ଆବର୍ଜନାମୁକ୍ତ ସହ ସ୍ୱଚ୍ଛତା କ୍ଷେତ୍ରରେ ନମ୍ବର ୱାନ କରିବାକୁ ପୌର ପ୍ରଶାସନ ପକ୍ଷରୁ ଖୁବ୍‌ଶୀଘ୍ର ମୋ ୱାର୍ଡ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ। ଏ ନେଇ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇସାରିଛି। ପ୍ରତି ୱାର୍ଡର ୱାର୍ଡ ଅଫିସରଙ୍କ ସହିତ ସ୍ୱଚ୍ଛସାଥୀ, ସ୍ୱୟଂ ସହାୟକ ଗୋଷ୍ଠୀ, ବରିଷ୍ଠ ନାଗରିକ, ଅବସରପ୍ରାପ୍ତ ସରକାରୀ ଅଧିକାରୀ/କର୍ମଚାରୀ, ଶିକ୍ଷିତ ମହିଳା, ସାମାଜିକ କର୍ମୀଙ୍କୁ ନେଇ ୧୦ ସଦସ୍ୟ ବିଶିଷ୍ଟ ଗୋଟିଏ ଲେଖାଏ ୱାର୍ଡ କମିଟି ଗଠନ କରାଯିବ। ନିଜ ୱାର୍ଡରୁ ଅଳିଆ ଠିକ୍ ଭାବେ ଉଠୁଛି କି ନାହିଁ, କେଉଁ ଅଞ୍ଚଳରେ କିଭଳି ସମସ୍ୟା ରହୁଛି ଓ ତାହାର ସମାଧାନ କ'ଣ ସେ ନେଇ କମିଟି ପକ୍ଷରୁ ପୌର ପାଳିକାକୁ ଅବଗତ କରାଯିବ। କେଉଁ ୱାର୍ଡରେ କେତେ ଜଣ ସଫେଇ କର୍ମଚାରୀ ନିୟୋଜିତ ହୋଇଛନ୍ତି ତାହାର ଚିଠା କମିଟି ପାଖରେ ରହିବ। ସେହିପରି କେଉଁ ସମୟରେ କେଉଁ ୱାର୍ଡରୁ ଓଦା ଓ ଶୁଖିଲା ଅଳିଆ ବ୍ୟାଟେରିଚାଳିତ ଗାଡିରେ ଉଠାଯିବ ତାହାର ତାଲିକା ପୌରପାଳିକା ପକ୍ଷରୁ ପ୍ରସ୍ତୁତ ସରିଛି। ଏହି ଦାୟିତ୍ୱ ସମ୍ପୂର୍ଣ୍ଣ ଭାବେ ସ୍ୱଚ୍ଛସାଥୀଙ୍କୁ ପ୍ରଦାନ କରାଯିବ। ସେମାନେ ଲୋକଙ୍କ ଘରୁ ଶୁଖିଲା ଏବଂ ଓଦା ଅଳିଆ ସଂଗ୍ରହ କରି ସିଧାସଳଖ ଏମ୍‌ସିସିକୁ ପଠାଇବେ। ତେଣୁ ସହରର କୌଣସି ସ୍ଥାନରେ ଆଉ ଅଳିଆ ଜମାହୋଇ ରହିବ ନାହିଁ କି ସେଠାରୁ ଉଠାଇବାକୁ ପଡ଼ିବ ନାହିଁ। ଏହାଛଡ଼ା ସହରବାସୀ ସେମାନଙ୍କ ଆବର୍ଜନା ଗାଡ଼ିକୁ ନ ଦେଇ ଅନ୍ୟ ସ୍ଥାନରେ ଫିଙ୍ଗିଲେ ଜରିମାନା ଆଦାୟ କରାଯିବ। ଗଠନ ହେବାକୁ ଥିବା ୱାର୍ଡ କମିଟିଗୁଡ଼ିକ ପ୍ରତି ମାସରେ ସମୀକ୍ଷା ବୈଠକ କରି ନିଜ ୱାର୍ଡ କେତେ ସ୍ୱଚ୍ଛ ରହିଛି କିମ୍ବା ଅନ୍ୟ କିଛି ସମସ୍ୟା ରହିଛି, ସେ ନେଇ ପୌର ପାଳିକାକୁ ପ୍ରସ୍ତାବ ପଠାଇବେ। ଭଲ କାମ ହେଉଥିବା କମିଟି ରିପୋର୍ଟ ଦେଲେ ସଫେଇ କର୍ମଚାରୀ ବା ସଂସ୍ଥାକୁ ପୁରସ୍କୃତ କରାଯିବ। ଖରାପ କାମ ରିପୋର୍ଟ ମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପ୍ରତି ୬ ମାସରେ ପୌର ପ୍ରଶାସନ ୱାର୍ଡ କାର୍ଯ୍ୟ ସମୀକ୍ଷା କରି ଶ୍ରେଷ୍ଠ ୩ ୱାର୍ଡକୁ ପୁରସ୍କାର ପ୍ରଦାନର ବ୍ୟବସ୍ଥା କରିବ ବୋଲି ପୌରପାଳିକା ପକ୍ଷରୁ କୁହାଯାଇଛି।



- ଅନୁଗୋଳ ପୌରପାଳିକାରେ 'ମୋ ୱାର୍ଡ' ବ୍ୟବସ୍ଥା
- ବୁଦ୍ଧିଜୀବୀ, ସାମାଜିକ କର୍ମୀଙ୍କୁ ନେଇ ଗଢ଼ାଯିବ କମିଟି
- ଶ୍ରେଷ୍ଠ ବିବେଚିତ ୩ ୱାର୍ଡକୁ ଦିଆଯିବ ଆର୍ଥିକ ପୁରସ୍କାର

### ଅଳିଆ ସମସ୍ୟା ରହିବ ନାହିଁ



"ସହରରେ ମୋ ୱାର୍ଡ କାର୍ଯ୍ୟକ୍ରମ ଆରମ୍ଭ ହେବ। ଗଢ଼ାଯାଇଥିବା ୱାର୍ଡ କମିଟି ସହରର ଉନ୍ନତି ଓ ସୌନ୍ଦର୍ଯ୍ୟକରଣ ନେଇ ପୌରପାଳିକାକୁ ପରାମର୍ଶ ଦେବ। ଏହି କମିଟି ରିପୋର୍ଟ ସଫେଇ କର୍ମଚାରୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବ। ତେଣୁ ସହରରେ ଅଳିଆ ସମସ୍ୟା ରହିବ ନାହିଁ, କି ସୌନ୍ଦର୍ଯ୍ୟକରଣରେ ଅସୁବିଧା ହେବ ନାହିଁ।

-ଗିରିଜା ଶଙ୍କର ମଲ୍ଲିକ, ପୌର ନିର୍ବାହୀ ଅଧିକାରୀ

### ଅସୁବିଧା ଜାଣିପାରିବ ପ୍ରଶାସନ



"ଏହା ସରକାରଙ୍କ ଏକ ଭଲ ପ୍ରୟାସ। ଏଭଳି ହେଲେ ଲୋକଙ୍କ ସମସ୍ୟା ସହଜରେ ପ୍ରଶାସନ ନିକଟରେ ପହଞ୍ଚିପାରିବ। ଲୋକଙ୍କ ସମ୍ପୃକ୍ତି ରହିଲେ ସ୍ୱଚ୍ଛତା ପାଖରୁ ସୌନ୍ଦର୍ଯ୍ୟକରଣ କ୍ଷେତ୍ରରେ ୱାର୍ଡଗୁଡ଼ିକର ଚିତ୍ର ବଦଳିବ। ଏଥିସହ ପ୍ରତିଯୋଗିତା ମନୋଭାବ ମଧ ରହିବ।

-ଡ. ଧରଣୀଧର ନାଥ, ଅବସରପ୍ରାପ୍ତ ପ୍ରଶାସକ

### ପରିମଳ ବ୍ୟବସ୍ଥାରେ ପରିବର୍ତ୍ତନ ଆସିବ



"ମୋ ୱାର୍ଡ କାର୍ଯ୍ୟକାରୀ ହେଲେ ଭଲ ହେବ। ସହରର ପରିମଳ ବ୍ୟବସ୍ଥା ସୁଧୁରିବ। ଲୋକମାନେ ମଧ ସଚେତନ ହେବେ। ଯେଉଁମାନେ ଆବର୍ଜନା ବାହାରେ ଫିଙ୍ଗିବେ ସେମାନଙ୍କ ସମ୍ପର୍କରେ କମିଟି ଓ ପୌରପାଳିକାକୁ ଅବଗତ କରାଯିବ। ଜରିମାନା ଆଦାୟ କରାଗଲେ ସେମାନେ ଚେତିବେ।

-ଧୁଲଣା ଦେହୁରୀ, ସ୍ୱଚ୍ଛସାଥୀ

### ଲୋକଙ୍କ ସମ୍ପୃକ୍ତି ରହିଲେ ସହର ଚମକିବ



"ୱାର୍ଡଗୁଡ଼ିକର ସଫେଇ ବ୍ୟବସ୍ଥା ସେହି ୱାର୍ଡବାସିନ୍ଦାଙ୍କ ଦ୍ୱାରା ତଦାରଖ ହେଲେ ପରିମଳ ବ୍ୟବସ୍ଥାରେ ପରିବର୍ତ୍ତନ ଆସିବ। ଲୋକମାନେ ନିଜେ ସଚେତନ ହେବା ସହ ଅଞ୍ଚଳର ବିକାଶ କଥା ଚିନ୍ତା କରିବେ। ଏଣେ ତେଣେ ଅଳିଆ ପକା ନ ଗଲେ ଅନୁଗୋଳ ସହର ଚମକିବ।

-ସୁଶ୍ରୀସଙ୍ଗୀତା ମହାନ୍ତି, ଅନୁଗୋଳ

## ସଂକ୍ଷେପରେ

### ୬ଷ୍ଠ ଦିନରେ ଆନ୍ଦୋଳନ

**କଣିହାଁ,୩୦।୩(ଡି.ଏନ.ଏ.):** କଣିହାଁ ବ୍ଲକ କାକୁଡ଼ିଆ ସେବା ସମବାୟ ସମିତିରେ ଧାନ ବିକ୍ରି କରି ନ ପାରି ଅସନ୍ତୁଷ୍ଟ ଚାଷୀମାନେ ଚଳାଇଥିବା ଆନ୍ଦୋଳନ ୬ଷ୍ଠ ଦିନରେ ପହଞ୍ଚିଛି। ଚାଷୀମାନେ କହିଛନ୍ତି ଯେ, ଫେବୃୟାରୀ ମାସରେ ଟୋକନ ନ ମିଳିବାରୁ ମାର୍ଚ୍ଚ ୪ ତାରିଖରେ ପ୍ରତିବାଦ କରିବା ପରେ ଟୋକନ ମିଳିଥିଲା। ମାର୍ଚ୍ଚ ୧୬ ଓ ୨୩ ତାରିଖରେ ସେମାନେ ମଣ୍ଡିକୁ ଧାନ ବିକ୍ରି କରିବାକୁ ଆଣିଥିଲେ। କିନ୍ତୁ ଉଠା ନ ଯିବାରୁ ଫେରାଇ ନେଇଥିଲୁ। ପରେ ଦୈନିକ ମଣ୍ଡିକୁ ଆସୁଥିଲେ ମଧ ସମ୍ପାଦକ ଓ ମିଲରଙ୍କ ଦେଖା ମିଳୁ ନ ଥିଲା। ଫଳରେ ୨୫ ତାରିଖରୁ ତାଲା ପକାଇ ଆନ୍ଦୋଳନ ଚଳାଇଛୁ।

### ସହରରୁ ମହିଳା ନିଖୋଜ

**ଢେଙ୍କାନାଳ ଅଫିସ,୩୦।୩:** ଢେଙ୍କାନାଳ ସହର ଦୋଳମଣ୍ଡପ ସାହି ଅଞ୍ଚଳର ମହିଳା ରାଧାରାଣୀ ବେହେରା(୫୪) ଗତ ୧୯



ତାରିଖଠାରୁ ନିଖୋଜ ହୋଇଯାଇଛନ୍ତି। ସମ୍ପୃକ୍ତା ମହିଳା ରାଉରକେଲା ଇଣ୍ଟରସିଟି ଟ୍ରେନ ଯୋଗେ ଯାଇଥିବାର ରେଲୱେ ସିସିଟିଭି ଫୁଟେଜରୁ ଜଣାପଡିଛି। ସେ ଗଲାବେଳେ ଏକ ନୀଳ ରଙ୍ଗର ଲୁଗା ପିନ୍ଧିଥିଲେ। କେହି ସହୃଦୟ ବ୍ୟକ୍ତି ସମ୍ପୃକ୍ତା ମହିଳାଙ୍କ ସନ୍ଧାନ ପାଇଲେ ନିକଟସ୍ଥ ପୋଲିସ ଷ୍ଟେଶନରେ ଜଣାଇବାକୁ ପରିବାର ପକ୍ଷରୁ ଅନୁରୋଧ କରାଯାଇଛି।

### ଦୁର୍ଘଟଣାରେ ଜଣେ ମୃତ

**କାମାକ୍ଷାନଗର,୩୦।୩ (ଡି.ଏନ.ଏ.):** ଢେଙ୍କାନାଳ ଜିଲା ତୁମୁସିଙ୍ଗା ଥାନା ପଣ୍ଡୁଆ ଫାଣ୍ଡି ଖଟୁଆହତା ନିକଟରେ ସୋମବାର ଅପରାହ୍ନରେ ଏକ ଆଜବେଷ୍ଟସ ବୋଝେଇ ଟାଟାଏସି ସହ ବାଇକ୍ ଧକ୍କା ହୋଇଛି। ଏଥିରେ ବାଇକ୍ ଚାଳକ ଢେଙ୍କାନାଳ ସଦର ଥାନା ହୁଧାରକାଟେଣି ଗ୍ରାମର ସଞ୍ଜୟ ନାଏକଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ ଟାଟାଏସି ଗାଡ଼ିର ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଖବରପାଇ ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ଟ୍ରାକ୍ଟର ଓଲଟି ଜଣେ ମୃତ

**ବଇଣ୍ଡା,୩୦।୩(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ତଳେଇପଥର ଗ୍ରାମରେ ସୋମବାର ଏକ ଟ୍ରାକ୍ଟର ଓଲଟି ପଡ଼ିବାରୁ ସେହି ଗ୍ରାମର ମାନସ ନାଏକଙ୍କ ମୃତ୍ୟୁ ହୋଇଛି। ପୋଲିସ କହିଛି, ତଳେଇପଥର ଗ୍ରାମର ଗୋକୁଳା ନାୟକ ଏକ ଟ୍ରାକ୍ଟର କିଣିଥିଲେ। ସୋମବାର ତାଙ୍କ ପୁତୁରା ମାନସ ରଙ୍ଗ ଖେଳିବା ପରେ ଟ୍ରାକ୍ଟର ଚାବି ନେଇ ନିକଟସ୍ଥ ଡ୍ୟାମ୍‌କୁ ଗାଧୋଇ ଯାଉଥିବାବେଳେ ଭାରସାମ୍ୟ ହରାଇବାରୁ ଟ୍ରାକ୍ଟରଟି ଓଲଟି ପଡ଼ିଥିଲା। ଘଟଣାସ୍ଥଳରେ ମାନସ ଚାପି ହୋଇ ପ୍ରାଣ ହରାଇଥିଲେ। ଠାକୁରଗଡ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଆଠମଲ୍ଲିକ ଡାକ୍ତରଖାନାକୁ ପଠାଇଦେଇଛି। ଏ ନେଇ ନଂ. ୭୭/୨୧ରେ ଏକ ମାମଲା ରୁଜୁ ହୋଇଛି।

### ଏମ୍‌ସିଏଲ୍ ରିଜୋନାଲ ଷ୍ଟୋରରେ ଅଗ୍ନିକାଣ୍ଡ

**ତାଳଚେର,୩୦।୩(ନି.ପ୍ର.):** ତାଳଚେରଠାରେ ଥିବା ଏମ୍‌ସିଏଲ୍ ଭରତପୁର ଏରିଆର ରିଜୋନାଲ ଷ୍ଟୋରରେ ଗୁରୁବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଲକ୍ଷାଧିକ ଟଙ୍କାର ଟ୍ରକ୍ ଓ ଡମ୍ଫର ଟାୟାର ପୋଡି ନଷ୍ଟ ହୋଇଯାଇଛି। କେଉଁ କାରଣରୁ ନିଆଁ ଲାଗିଲା ତାହା ଅସ୍ପଷ୍ଟ ରହିଛି। ଖବରପାଇ ଏମ୍‌ସିଏଲର ପାଣି ଟ୍ୟାଙ୍କର ଓ



ଦମକଳ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଏମ୍‌ସିଏଲ ଅଧିକାରୀମାନେ ଷ୍ଟୋରରେ ଥିବା ଜିନିଷପତ୍ରକୁ ଠିକ୍ ଭାବେ ରକ୍ଷଣାବେକ୍ଷଣ କରୁ ନ ଥିବାରୁ ଏପରି ଅଘଟଣ ଘଟୁଥିବା ଶ୍ରମିକ ସଙ୍ଗଠନ ପକ୍ଷରୁ ଅଭିଯୋଗ ହୋଇଛି।

### ନାଲ୍‌କୋ କଲୋନୀରେ ନିଆଁ

**ବଣ୍ଟାଁରପାଳ,୩୦।୩(ଡି.ଏନ.ଏ):** ଅନୁଗୋଳ ଜିଲା ନାଲ୍‌କୋ କଲୋନୀ ବି ଟାଇପ୍ କ୍ୱାର୍ଟର୍ସରେ ସୋମବାର ରାତିରେ ଅଗ୍ନିକାଣ୍ଡ ଘଟି ପ୍ରାୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ଏଥିରେ ଏକ ବ୍ୟାଟେରି ଚାଳିତ ଗାଡ଼ି ଓ ୨ଟି ବାଇକ୍, ଲକ୍ଷାଧିକ ଟଙ୍କାର ପିତଳ ସାମଗ୍ରୀ ସହ ଅନ୍ୟ ଆସବାବପତ୍ର ଜଳିଯାଇଛି। ନାଲ୍‌କୋ ଦମକଳ ସଂସ୍ଥାର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ପୋଖରୀରେ ବୁଡ଼ି ଶିଶୁ ମୃତ

**ପରଜଙ୍ଗ,୩୦।୩(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ପଥରଖମ୍ବସ୍ଥିତ ବଡ଼ଥାଳିଆ ପୋଖରୀରେ ବୁଡ଼ି ରବିବାର ଜଣେ ଶିଶୁଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସ୍ଥାନୀୟ ମୁଣ୍ଡାସାହିର ବିଭୁ ପିଙ୍ଗୁଆଙ୍କ ୪ବର୍ଷର ପୁଅ ରୋଶନ। ରବିବାର ମଧ୍ୟାହ୍ନରେ ରୋଶନ ସାଙ୍ଗମାନଙ୍କ ସହ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଅସାବଧାନତାରୁ ସେ ଗଭୀର ପାଣିରେ ବୁଡ଼ିଯାଇଥିଲେ। ସୂଚନା ପାଇ ପରିବାର ଲୋକେ ଉଦ୍ଧାରକରି କାମାକ୍ଷାନଗର ମେଡିକାଲ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ହାତୀ ଆକ୍ରମଣରେ ପୋଲିସ କର୍ମଚାରୀ ଗୁରୁତର

**କାମାକ୍ଷାନଗର,୩୦।୩ (ଡି.ଏନ.ଏ.)**

କାମାକ୍ଷାନଗର ବ୍ଲକ ତୁମୁସିଙ୍ଗା ଥାନାର ଜଣେ କର୍ମଚାରୀ ହୃଷୀକେଶ ନାୟକ (୩୫) ହାତୀ ଆକ୍ରମଣରେ ଗୁରୁତର ହୋଇଛନ୍ତି। ହୃଷୀକେଶ ଡ୍ୟୁଟି ସାରି ମଙ୍ଗଳବାର ସକାଳେ ନିଜ ଘର କାମାକ୍ଷାନଗର ଥାନା ବଣ୍ଠୁ ଗ୍ରାମକୁ ଫେରୁଥିବାବେଳେ କଦଳୀପାଳ ଗ୍ରାମ ନିକଟରେ ଏକ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତୁରନ୍ତ ତାଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ଗୋଡ ଓ ଛାତିରେ ଗଭୀର ଆଘାତ ଲାଗିଥିବା ଜଣାପଡିଛି।

## ୩ୟ ଲର୍ଡ ନୃତ୍ୟ ମହୋତ୍ସବ ଉଦ୍‌ଯାପିତ




୩ୟ ଲର୍ଡ ନୃତ୍ୟ ମହୋତ୍ସବ ମଞ୍ଚରେ ଅତିଥିଙ୍କ ସହ ଅନ୍ୟମାନେ।

**ଢେଙ୍କାନାଳ ଅଫିସ,୩୦।୩**

ଢେଙ୍କାନାଳ ଗୋପବନ୍ଧୁ ଟାଉନହଲ ଠାରେ ଲର୍ଡ ଅନୁଷ୍ଠାନ ଏବଂ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ସହଯୋଗରେ ୩ୟ ଲର୍ଡ ନୃତ୍ୟ ମହୋତ୍ସବ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଭରତ ଭୂଷଣ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଦ୍ମ ବିଭୂଷଣ ଡ. ରଘୁନାଥ ମହାପାତ୍ର ମୁଖ୍ୟ ଅତିଥି, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ବାସୁଦେବ ମାଳବିଶୋଇ, ଜିଲା କଳା ସଂସ୍କୃତି ସଂଘ ଉପସଭାପତି ଅବନୀ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କଳା ସଂସ୍କୃତି କ୍ଷେତ୍ରରେ ଢେଙ୍କାନାଳ ଅନନ୍ୟ ବୋଲି ମତବ୍ୟକ୍ତ କରିଥିଲେ। ବିଶ୍ୱନାଥ ଥାନପତି ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଓଡ଼ିଶୀ ନୃତ୍ୟଗୁରୁ ଜ୍ୟୋତ୍ସ୍ନା ସାହୁ, ଚଳଚ୍ଚିତ୍ର ନିର୍ଦ୍ଦେଶକ ହିମାଂଶୁ ପରିଜା, କଣ୍ଠଶିଳ୍ପୀ ଅଶୋକ ବଳ ପ୍ରମୁଖଙ୍କୁ ଲାଇଫ୍‌ଟାଇମ୍ ଆଚିଭମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଥିଲା। ରାଜ୍ୟସ୍ତରରେ ଆୟୋଜିତ ନୃତ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶୁଭଶ୍ରୀ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

## ପୁରିଆପାଟଙ୍କ ବାର୍ଷିକ ପୂଜା

**ଛେଣ୍ଡିପଦା,୩୦।୩(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ୍ ଶିମିଳିପାଳ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ପୁରିଆପାଟ ଠାକୁରାଣୀଙ୍କ ବାର୍ଷିକ ପୂଜା ଓ ଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ମା'ଙ୍କ ଆଲମକୁ ପଟୁଆରରେ ଅଣାଯାଇ ଗ୍ରାମ ପରିକ୍ରମା ପରେ ପୀଠ ସ୍ଥଳକୁ ଅଣାଯାଇଥିଲା। ଏହାପରେ ଗ୍ରାମବାସୀ, ମୁଖ୍ୟପୂଜକ କୀର୍ତ୍ତନ ଦେହୁରୀ ଓ ସହଯୋଗୀ ରତ୍ନାକର ଦେହୁରୀଙ୍କ ସହଯୋଗରେ ପୂଜାର୍ଚ୍ଚନା କରାଯାଇଥିଲା। ଯାତ୍ରାରେ ବିଶେଷକରି ଅନୁଗୋଳ, ଦେବଗଡ, ସମ୍ବଲପୁର ଜିଲାରୁ ଭକ୍ତଙ୍କ ସମାଗମ ହୋଇଥିଲା। ମାନସିକ ଧାରୀ ଛୋଟ ପିଲାମାନଙ୍କ ମୁଣ୍ଡନ କରାଇଥିବା ଦେଖାଯାଇଥିଲା। ଦାମୋଦର ସାହୁ, ତପନ ସାହୁ, ସୁରେଶ ସାହୁ, ବୈକୁଣ୍ଠ ପ୍ରଧାନ, ମାଧବ ପ୍ରଧାନ, ଘନ ପଲେଇ, ନେଙ୍କୁରି ପ୍ରଧାନ, କୃଷ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଗ୍ରାମ୍ୟ କମିଟି ପକ୍ଷରୁ ସାମ୍ପ୍ରତିକ ପରିସ୍ଥିତି ତଥା ସରକାରଙ୍କ କୋଭିଡ୍ ଗାଇଡ ଲାଇନକୁ ସମ୍ମାନ ଜଣାଇ ପୂଜାକାର୍ଯ୍ୟ ସମ୍ପନ୍ନ ହୋଇଥିଲା।

## ଜଳିଗଲା ୧୨ ବଖରା

**ବଇଣ୍ଡା/ ପରଜଙ୍ଗ, ୩୦।୩ (ଡି.ଏନ.ଏ.)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଅଏଡା ଗ୍ରାମରେ ରବିବାର ରାତିରେ ଅଗ୍ନିକାଣ୍ଡ ଘଟି ଶାନ୍ତନୁ ମୁଣ୍ଡାଙ୍କ ୩ ବଖରା ଜଳିଯାଇଛି। ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ଏଥିରେ ନଗଦ ୧୭ ହଜାର ଟଙ୍କା ଓ ଘରେ ମହଜୁଦ ଥିବା ଧାନଚାଉଳ ସମେତ ସମସ୍ତ ଆସବାବପତ୍ର ଛାରଖାର ହୋଇଯାଇଛି। ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରାଯାଇଥିଲା। ସୋମବାର ବିଜେଡି ଯୁବନେତା ତାପସ କୁମାର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ବିପନ୍ନ ପରିବାରକୁ ଭେଟି ରିଲିଫ୍ ଦେଇଥିଲେ। ସେହିପରି ଆଠମଲ୍ଲିକ ବ୍ଲକ ନୂଆଁକୁଦଗାଁ ଗ୍ରାମରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟି ରୀତା ପ୍ରଧାନ, ଅଶୋକ ପ୍ରଧାନ, ସୁକାନ୍ତି ପ୍ରଧାନଙ୍କ ୬ ବଖରା ଜଳିଯାଇଛି। ଏଥିସହ ଘରେ ଥିବା ସମସ୍ତ ଧାନ, ଚାଉଳ, ବିରି, ମୁଗ ସହ କିଛି ଟଙ୍କା ପୋଡି ପାଉଁଶ ହୋଇଯାଇଛି। ସ୍ଥାନୀୟ ଗ୍ରାମବାସୀ ଓ ଆଠମଲ୍ଲିକ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେହିପରି ଆନନ୍ଦପୁର କାଠ ଡିପୋରେ ଅଗ୍ନିକାଣ୍ଡ ଘଟି ୫ଟି କାଠ ଗଦା ଜଳିଯାଇଛି। ସେହିପରି ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଲୋଧଣୀ ଗ୍ରାମରେ ମଙ୍ଗଳବାର ଅଗ୍ନିକାଣ୍ଡରେ ୩ ବଖରା ପୋଡିଯିବା ସହିତ ଗୋଟିଏ ଗାଈ ଜୀବନ୍ତ ଦଗ୍ଧ ହୋଇଛି। ଅପରାହ୍ନ ପ୍ରାୟ ୨ଟାରେ ଗ୍ରାମର ରଘୁ ବିଶ୍ୱାଳଙ୍କ ଘରେ ନିଆଁ ଲାଗି ଯାଇଥିଲା। ଫଳରେ ଘରେ ଥିବା ଧାନ, ଚାଉଳ, ଆସବାବପତ୍ର ସମେତ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳି ପାଉଁଶ ହୋଇଯାଇଥିଲା। ଖବରପାଇ ପରଜଙ୍ଗ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତୁରନ୍ତ ଅଗ୍ନିବିପନ୍ନ ପରିବାରଗୁଡ଼ିକୁ ସରକାରୀ ସହାୟ୍ୟ ଯୋଗାଇ ଦେବାକୁ ଦାବି ହୋଇଛି।



କିଶୋରନଗର ବ୍ଲକ ଅଏଡ଼ା ଗ୍ରାମରେ ଲାଗିଥିବା ନିଆଁକୁ ଲିଭାଯାଉଛି।

## କୋଭିଡ୍ କଟକଣାରେ ହୋଲି

**ଢେଙ୍କାନାଳ ଅଫିସ,୩୦।୩**



ଢେଙ୍କାନାଳ ସହରରେ ସୋମବାର କୋଭିଡ୍ କଟକଣା ମଧ୍ୟରେ ହୋଲି ଉତ୍ସବ ପାଳିତ ହୋଇଛି। ଏହି ଉପଲକ୍ଷେ ସ୍ଥାନୀୟ କମଳା ମଣ୍ଡପଠାରେ ଜଗତ ଉଦ୍ଧାର ମଞ୍ଚ ପକ୍ଷରୁ ହୋଲି ଉତ୍ସବ ଆୟୋଜନ କରାଯାଇଥିଲା। ସଦସ୍ୟମାନେ ପରସ୍ପରକୁ ବିଭିନ୍ନ ପ୍ରକାର ଅବିର ରଙ୍ଗ ଲଗାଇ ହୋଲି ଶୁଭେଚ୍ଛା ଜଣାଇଥିଲେ। ଏଥିସହିତ ବରା, ଘୁଗୁନି ଓ ଦହିବରାର ଆସର ଜମିଥିଲା। ଜଗତ ଉଦ୍ଧାର ମଞ୍ଚ ପକ୍ଷରୁ ନବକିଶୋର ଗୁରୁ, ରାମଚନ୍ଦ୍ର ପାତ୍ର, ସନ୍ତୋଷ କୁମାର ରାଉତ, ନିରୋଦ କୁମାର ସାହୁ, ଜିତେନ୍ଦ୍ର ପଟ୍ଟନାୟକଙ୍କ ସମେତ ବହୁ ସଦସ୍ୟ ଏହି ଉତ୍ସବକୁ ପାଳନ କରିଥିଲେ। ସେହିପରି ସହରରେ ହେଲ୍‌ପିଂହ୍ୟାଣ୍ଡ ଏବଂ ବିଭିନ୍ନ ଯୁବଗୋଷ୍ଠୀ ପକ୍ଷରୁ ମଧ ହୋଲି ଉତ୍ସବ ପାଳିତ ହୋଇଥିଲା।

## ବାଲିଘାଟରେ ଗଲା ୨ ଜୀବନ

**ଢେଙ୍କାନାଳ ଅଫିସ, ୩୦।୩**

ଢେଙ୍କାନାଳ ଜିଲା ଗଁଦିଆ ଥାନା କାଲୁରିଆ ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଏକ ଦୁର୍ଘଟଣାରେ ୨ ଜୀବନହାନି ହୋଇଛି। ବାଲିଘାଟରୁ ବାଲି ବୋଝେଇ କରି ଆସୁଥିବା ଏକ ଟ୍ରାକ୍ଟର ଧକ୍କାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନରୋତ୍ତମ ବେହେରା ଏବଂ ରାଜୀବ ବେହେରା। ଉଭୟେ ଏକ ବାଇକ୍‌ରେ ବାଲିଘାଟକୁ ଯାଉଥିବାବେଳେ ବିପରୀତ ପାର୍ଶ୍ୱରୁ ଆସୁଥିବା ଉକ୍ତ ଟ୍ରାକ୍ଟର ଧକ୍କା ଦେଇଥିଲା। ସେମାନଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଭୋର୍ ୪ଟାରେ ନରୋତ୍ତମ ଏବଂ ୫ଟାରେ ରାଜୀବଙ୍କ ମୃତ୍ୟୁ ହୋଇଯାଇଥିଲା। ଏହି ଘଟଣାରେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ସୂଚନାପାଇ ସୋମବାର ଗଁଦିଆ ଏବଂ ଯୋରନ୍ଦା ଥାନା ପୋଲିସ ପହଞ୍ଚି ତଦନ୍ତ କରିଛନ୍ତି।

## 'ମିଳିତ ଉଦ୍ୟମରେ ଲୋକପ୍ରିୟ ହେବ ନାଟକ'

**ଅନୁଗୋଳ ଅଫିସ,୩୦।୩**

ନାଟକକୁ ଲୋକପ୍ରିୟ କରିବା ପାଇଁ କଳାକାର, ନାଟ୍ୟ ନିର୍ଦ୍ଦେଶକଙ୍କ ଯେତିକି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ, ସେତିକି ସହଭାଗିତା ରହିଛି ଆଲୋକ, ଶବ୍ଦ ଏବଂ ମଞ୍ଚସଜ୍ଜା ଭଳି ଜ୍ଞାନକୌଶଳର। ମିଳିତ ଉଦ୍ୟମ ଏବଂ ନିଷ୍ଠାପର ଭାବେ ମଞ୍ଚସ୍ଥ କରାଯାଇଥିବା ନାଟକ ନିଶ୍ଚିତ ଭାବେ ଲୋକପ୍ରିୟ ହୋଇପାରିବ ବୋଲି ଅନୁଗୋଳ କଳାକାର ଭବନରେ ଆୟୋଜିତ ବିଶ୍ୱ ନାଟ୍ୟ ଦିବସ-୨୦୨୧ରେ ମତ ପ୍ରକାଶ ପାଇଛି।

ସାଂସ୍କୃତିକ ଅନୁଷ୍ଠାନ 'କଳାକାର' ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ନବଦୀପ ମହାଳିକ, ମୁଖ୍ୟବକ୍ତା ଭାବେ ପ୍ରଫେସର ଡ. ଶାନ୍ତନୁ କୁମାର ସର, ସମ୍ମାନିତ ଅତିଥି ଭାବେ 'ନାଟ୍ୟମ୍' ସଭାପତି ସୁଧାଂଶୁ ମୋହନ ଦ୍ୱିବେଦୀ ଯୋଗଦେଇ ସମୟୋପଯୋଗୀ ନାଟକ ପ୍ରସ୍ତୁତି ଏବଂ ମଞ୍ଚସ୍ଥ ଉପରେ ଗୁରୁତ୍ୱାରୋପ କରିଥିଲେ। 'କଳାକାର'ର ସଭାପତି ଭୂପେଶ ଚନ୍ଦ୍ର ପ୍ରଧାନ, ଉପଦେଷ୍ଟା ଇନ୍ଦିରା ଦାଶ ଉପସ୍ଥିତ ଥିଲେ। ମଞ୍ଚ ନାଟକକୁ ଜୀବନବ୍ୟାପୀ ଅବଦାନ ପାଇଁ ବର୍ଷୀୟାନ ଅଭିନେତ୍ରୀ ମନୋରମା ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉପଲକ୍ଷେ 'ମଞ୍ଚ ନାଟକରେ ବୈଷୟିକ ଜ୍ଞାନକୌଶଳର ଉପଯୋଗିତା' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। 'ସା ରେ ଗା ମା'ର ସମ୍ପାଦକ ବିଭୂତି ଭୂଷଣ ଶତପଥୀ, 'ସୁରତାଲ'ର ଅଜୟ ନାଥ, ମୃତ୍ୟୁଞ୍ଜୟ ମହାପାତ୍ର, ଚୈତନ୍ୟ ପୋଥାଳ, ସନ୍ତୋଷ ସାମଲ, 'ନୃତ୍ୟନିଳୟ' ମୁଖ୍ୟ ଗୁରୁ ସ୍ୱପ୍ନାରାଣୀ ସିହ୍ନା, 'କଳାକାର' ଗୁରୁ ସୁଶ୍ରୀ ଅନିତା ସିଂଦେଓ, ପ୍ରଫୁଲ୍ଲ ଦାସ, ଅଜୟ ସାହୁ, ଅଶୋକ ପାଣିଗ୍ରାହୀ, ରୁଚିର ବରାଳ, ପ୍ରଶାନ୍ତ ରଥ, ପ୍ରଶାନ୍ତ ତୁଙ୍ଗ, ସୁଜିତ ସାହୁ, ଅନୀଲ ସ୍ୱାଇଁ, ନିରୋଦ ସାହୁ, ବୈଷ୍ଣବ ଚରଣ ପାତ୍ର, ଅଶ୍ୱିନୀ ଦଳବେହେରା, ଶ୍ରଦ୍ଧା ସିଂ, ଅଭିନେତା ବସନ୍ତ ଦାସଙ୍କ ସମେତ ବହୁ ନାଟ୍ୟପ୍ରେମୀ ଉପସ୍ଥିତ ଥିଲେ। ବୀରେନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ପାଦକ ବିଭୂତି ଭୂଷଣ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।




କଳାକାର ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ।

## ମା' କଳାପାଟଙ୍କ ବାର୍ଷିକ ଉତ୍ସବ



**ବନ୍ତଳା,୩୦।୩(ଡି.ଏନ.ଏ.)**

ଅନୁଗୋଳ ଜିଲାର ଅଧିଷ୍ଠାତ୍ରୀ ମା' କଳାପାଟଙ୍କ ବାର୍ଷିକ ଉତ୍ସବ ରବିବାର ତୁମୁଣିଠାରେ ପାଳିତ ହୋଇଯାଇଛି। ସକାଳୁ ଗ୍ରାମର ମହିଳାମାନେ କଳସ ଶୋଭାଯାତ୍ରାରେ ବାହାରି ପାଣିଆଣି ଘଟ ସ୍ଥାପନ କରିଥିଲେ। ପରେ ପରମ୍ପରା ଅନୁଯାୟୀ ଗୋପୂଜା, ସୂର୍ଯ୍ୟପୂଜା ଅନୁଷ୍ଠିତ ହୋଇଥିଲା। ରାଣୀ ସୀତାଦେଇଙ୍କ ବଂଶଜ ଦୀପକ କୁମାର ସିଂହ ମହେନ୍ଦ୍ର ଜଗଦେବ ଓ ପ୍ରିୟ ଦର୍ଶନୀ ଦେବୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଅନୁଗୋଳର ରାଜ ପୁରୋଧା କାଶୀନାଥ ଦାସଙ୍କ ଉପସ୍ଥିତରେ ରାଜପୁରୋଧା ପ୍ରତିନିଧି ପଣ୍ଡିତ ଜ୍ୟୋତି ରଞ୍ଜନ ଆଚାର୍ଯ୍ୟ ଦେବଶର୍ମାଙ୍କ ଦ୍ୱାରା ଯଜ୍ଞ କାର୍ଯ୍ୟ ସମ୍ପାଦିତ ହୋଇଥିଲା। ସେବାୟତ ମୁଖ୍ୟ ରାମଚନ୍ଦ୍ର ବିଶ୍ୱାଳଙ୍କ ଦ୍ୱାରା ମା'ଙ୍କ ପୂଜାର୍ଚ୍ଚନା ହୋଇଥିଲା। ବଡକେରା ସରପଞ୍ଚଙ୍କ ପ୍ରତିନିଧି ରମାକାନ୍ତ ପଟ୍ଟନାୟକ, ଜନ୍ମ ବାର୍ଷିକ କମିଟି ସଭାପତି ଜିତେନ୍ଦ୍ର ସିଂହଙ୍କ ନେତୃତ୍ୱରେ ବଡକେରା, ପୁରୁଣା ଗଡ଼ ଆଦି ଅଞ୍ଚଳର ସମସ୍ତ ଅଧିବାସୀ ସହଯୋଗ କରିଥିଲେ।

